## କରୋନାରେ ଜଣେ ଆକ୍ରାନ୍ତ

ଢେଙ୍କାନାଳ ଅଫିସ୍: ଢେଙ୍କାନାଳ ଜିଲାରୁ ଶୁକ୍ରବାର ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ଘର ଢେଙ୍କାନାଳ ପୌରାଞ୍ଚଳରେ। ତାଙ୍କୁ କୋଭିଡ୍ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୫,୭୨୧ରେ ପହଞ୍ଚିଛି। ସେହିପରି ଚିକିତ୍ସା ପରେ ୫,୬୮୭ ଜଣ ଆରୋଗ୍ୟ ଲାଭ କରିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ମହିଳାଙ୍କୁ ଦଳିଦେଲା ହାତୀ

**ରାସୋଳ, ୧୯।୩(ଡି.ଏନ.ଏ.):** ରାସୋଳ ଥାନା ଅନ୍ତର୍ଗତ ସାପୁଆ ଡ୍ୟାମ ଆଖପାଖ ଅଞ୍ଚଳରେ ଏକ ମାଈ ହାତୀ ଆତଙ୍କ ସୃଷ୍ଟି କରିଛି। ପଲରୁ ଅଲଗା ହୋଇ ଏକୁଟିଆ ବୁଲୁଥିବା ଉକ୍ତ ହାତୀ ହାବୁଡ଼ରେ ପଡ଼ି ତର୍କାବେଡ଼ା ଗ୍ରାମର ସୁଷମା ସାହୁ (୪୦)ଙ୍କ ଜୀବନ ଯାଇଛି। ସୁଷମା ଗୁରୁବାର କାଠକୁମ୍ପାସ୍ଥିତ ନିଜ ମାଉସୀ ଘରକୁ ଆସିଥିଲେ। ଶୁକ୍ରବାର ଭୋର୍ ସମୟରେ ବସ୍ ଧରିବାକୁ ଦଣ୍ଡିରି ବସ୍ଷ୍ଟାଣ୍ଡକୁ ଆସୁଥିବାବେଳେ ନୂଆ ପଞ୍ଚାୟତ ନିକଟ ରାସ୍ତାରେ ତାଙ୍କୁ ହାତୀ ଦଳିଦେଇଥିଲା। ବନ କର୍ମଚାରୀ, ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ଏ ସଂକ୍ରାନ୍ତରେ ରେଞ୍ଜ ଅଧିକାରୀ ଲୋହିତ କୁମାର ରଥ କୁହନ୍ତି, ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଛି। ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

### ବ୍ରାହ୍ମଣୀରେ ନିଖୋଜ ଯୁବକଙ୍କ ମୃତଦେହ ଠାବ

**ପରଜଙ୍ଗ, ୧୯।୩(ଡି.ଏନ.ଏ.):** ପରଜଙ୍ଗ ବ୍ଲକ ରୋଡ୍ ଗ୍ରାମର ମୁରଲୀ ନାଏକଙ୍କ ପୁଅ ପରମା (୩୨) ଗୁରୁବାର ବ୍ରାହ୍ମଣୀ ନଦୀରେ ବୁଡ଼ିଯାଇଥିଲେ। ପାଣିଗେଙ୍ଗୁଟିଆ ଘାଟରୁ ଶୁକ୍ରବାର ଅଗ୍ନିଶମ କର୍ମଚାରୀ ତାଙ୍କର ମୃତଦେହ ଠାବ କରିଛନ୍ତି। ସାଆନ୍ଦା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଆର୍‌ଆଇ ପ୍ରଦ୍ୟୁମ୍ନ ସେଠୀ ଘଟଣାର ତଦନ୍ତ କରିଛନ୍ତି। ରିପୋର୍ଟ ଦାଖଲ କରାଯିବା ପରେ ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ କରାଯିବ ବୋଲି ତହସିଲଦାର ଜୟନ୍ତ ଜୟସିଂ କହିଛନ୍ତି।

### ଆନ୍ତଃ କ୍ଲବ କ୍ରିକେଟ ପାଇଁ ୨୨ରେ ପଞ୍ଜୀକରଣ

**ଢେଙ୍କାନାଳ ଅଫିସ, ୧୯।୩:** ଢେଙ୍କାନାଳ ଜିଲା କ୍ରିକେଟ ସଂସଦ ପକ୍ଷରୁ ମାର୍ଚ୍ଚ ଶେଷ ସପ୍ତାହରେ ୧୯ ବର୍ଷରୁ ଉର୍ଦ୍ଧ୍ୱ ଖେଳାଳିଙ୍କୁ ନେଇ ଆନ୍ତଃ କ୍ଲବ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି। ୨୨ ତାରିଖ ସାଢ଼େ ୯ଟାରେ ଷ୍ଟାଡିୟମରେ ଖେଳାଳିଙ୍କ ନାମ ପଞ୍ଜୀକରଣ କରାଯିବ। ଇଚ୍ଛୁକ ଖେଳାଳି ବୟସ ପ୍ରମାଣପତ୍ର, ଆଧାରକାର୍ଡ, ଶିକ୍ଷାଗତ ପ୍ରମାଣପତ୍ର, ୨ଟି ପାସ୍‌ପୋର୍ଟ ଫଟୋ ସାଙ୍ଗରେ ଆଣିବାକୁ ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ନଳିନୀ ଦାସ ସୂଚନା ଦେଇଛନ୍ତି।

### ବନାଗ୍ନି ରୋକିବାକୁ ସଚେତନତା

**ରାସୋଳ, ୧୯।୩(ଡି.ଏନ.ଏ.):** ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବାକୁ ହିନ୍ଦୋଳ ଫରେଷ୍ଟ ରେଞ୍ଜ ପକ୍ଷରୁ ଆରମ୍ଭ ହୋଇଛି ସଚେତନତା କାର୍ଯ୍ୟକ୍ରମ। ଗୁରୁବାର ବାବନ୍ଧ, ବମ୍ପା,ପଟାଲୁ, ଗଞ୍ଜାରା, ବୁହାଳିପାଳ, ଗୋବିନ୍ଦପୁରରେ ପଥପ୍ରାନ୍ତ ସଭା ଏବଂ ଶୋଭାଯାତ୍ରା ମାଧମରେ ସଚେତନ ବାର୍ତ୍ତା ବାଣ୍ଟିଥିଲେ। ବନାଞ୍ଚଳ ଅଧିକାରୀ ଲୋହିତ ରଥଙ୍କ ନେତୃତ୍ୱରେ ବୁହାଳିପାଳ ସରପଞ୍ଚ ଲଳିତ ମୋହନ ସାହୁ, ପରିବେଶବିତ୍ ଅରବିନ୍ଦ ସାମଲ, ଅନନ୍ତ ଚରଣ ବିଶ୍ୱାଳ, ଫରେଷ୍ଟଗାର୍ଡ ବିଘ୍ନେଶ୍ୱର ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସମସ୍ତେ ମିଳିତ ହୋଇ ଜଙ୍ଗଲର ସୁରକ୍ଷା କରିବା ଲାଗି ଆଗେଇ ଆସିବାକୁ ବନାଞ୍ଚଳ ଅଧିକାରୀ ଆହ୍ୱାନ ଦେଇଥିଲେ। ଏଥିସହ ଜଙ୍ଗଲରେ ନିଆଁ ଲଗାଉଥିବା ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଲେ ପୁରସ୍କୃତ କରାଯିବ ବୋଲି କହିଥିଲେ। ସମ୍ପୃକ୍ତ ଗ୍ରାମର ବାସିନ୍ଦା ନିଆଁ ଦାଉରୁ ଜଙ୍ଗଲକୁ ସୁରକ୍ଷା ଦେବାକୁ ଶପଥ ପାଠ କରିଥିଲେ।

### ମଣିମାଣିକ କ୍ଲବ ଚାମ୍ପିୟନ

**ଢେଙ୍କାନାଳ ଅଫିସ, ୧୯।୩**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ପଞ୍ଚାୟତ ଜେନାମଣି ଖେଳପଡ଼ିଆରେ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ରାତ୍ରିକାଳୀନ ଫାଇନାଲ ମ୍ୟାଚ୍‌ରେ ମା' ମଙ୍ଗଳା କ୍ଲବକୁ ହରାଇ ଆୟୋଜକ ମଣିମାଣିକ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ମଣିମାଣିକ କ୍ଲବ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୬ ଉଇକେଟ ହରାଇ ୭୧ ରନ୍ କରିଥିଲା। ଜବାବରେ ମା' ମଙ୍ଗଳା କ୍ଲବ ୫ ଉଇକେଟ ହରାଇ ୬୫ ରନ୍ କରି ପରାଜିତ ହୋଇଥିଲା। ବୈକୁଣ୍ଠ ପୃଷ୍ଟି, ଟିକନ ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ। ଅତିଥି ଭାବେ ସବିତା ନାୟକ, ଇନ୍ଦିପୁର ସରପଞ୍ଚ ରାଜକିଶୋର ରାଉତ, ପ୍ରଶାନ୍ତ ପ୍ରଧାନ, ରମେଶ ଚନ୍ଦ୍ର ନାୟକ, ଗଗନ ସାହୁ, କ୍ଷୀରୋଦ ପୃଷ୍ଟି, ଅମୂଲ୍ୟ ସାହୁ ପ୍ରମୁଖ ଉପସ୍ଥିତ ରହି ଉଭୟ ଦଳକୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାରେ ୧୬ ଦଳ ଭାଗ ନେଇଥିବାବେଳେ କ୍ଲବର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହାୟତା କରିଥିଲେ।

# ଦହଗଞ୍ଜ ହେଉଛନ୍ତି ଦିବ୍ୟାଙ୍ଗ

**ପରଜଙ୍ଗ, ୧୯।୩**
**(ନିଗମାନନ୍ଦ ଦଳବେହେରା)**


ପଞ୍ଚାଳି ବିଶ୍ୱାଳ।


ବିଘ୍ନ ସାହୁ।


ଦୁଷ୍ମନ୍ତ ବିଶ୍ୱାଳ।

- ପ୍ରମାଣପତ୍ର ଥାଇ ମିଳୁନି ଭତ୍ତା
- ଆବେଦନ ସତ୍ତ୍ୱେ ଅଣଦେଖା
- ପ୍ରଶାସନ ଉପରେ ଝାଡ଼ିଲେ ଅସନ୍ତୋଷ

କାହାର ଗୋଡ଼ ତ ଆଉ କାହାର ଅଚଳ ହୋଇଯାଇଛି ହାତ। କିଏ ଦୃଷ୍ଟିଶକ୍ତି ହରାଇଛନ୍ତି ତ ଆଉ କିଏ ଜନ୍ମରୁ ମାନସିକ ରୋଗୀ। ଏମାନେ ସବୁ ଦିବ୍ୟାଙ୍ଗ ବୋଲି ସ୍ୱୀକାର କରିଛନ୍ତି ସରକାର। ଭିନ୍ନକ୍ଷମ ତାଲିକାରେ ସାମିଲ ହୋଇଛି ସେମାନଙ୍କ ନାମ। ମିଳିଛି ପରିଚୟ ପତ୍ର। ତେବେ ନଥିପତ୍ରରେ ଦିବ୍ୟାଙ୍ଗ ବୋଲି ମାନ୍ୟତା ସିନା ଦିଆଯାଇଛି, ହେଲେ ମିଳୁଛି ଭତ୍ତା ନା କୌଣସି ସରକାରୀ ସହାୟତା। ପ୍ରମାଣପତ୍ର ଧରାଇଦେଇ ପ୍ରଶାସନିକ ଅଧିକାରୀ ନିଜର ଦାୟିତ୍ୱ ଖସାଇ ଦେଇଥିବାବେଳେ ଏ କାର୍ଯ୍ୟାଳୟରୁ ସେ କାର୍ଯ୍ୟାଳୟକୁ ଧାଇଁ ଧାଇଁ ଦହଗଞ୍ଜ ହେଉଛନ୍ତି ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକର ବହୁ ଦିବ୍ୟାଙ୍ଗ।

ପରଜଙ୍ଗ ବ୍ଲକ କୁମୁସୀ ପଞ୍ଚାୟତ ବସନ୍ତପଡ଼ା ଗ୍ରାମର ସୁଦର୍ଶନ ବିଶ୍ୱାଳଙ୍କ ସ୍ତ୍ରୀ ପଞ୍ଚାଳି ବିଶ୍ୱାଳ। ବୟସ ୫୦ ପାର୍ କଲାଣି। ରୋଗଗ୍ରସ୍ତ ହୋଇଯିବା ପରେ ତାଙ୍କର ୨ ହାତ ଅଚଳ ହୋଇଯାଇଛି। ଡାକ୍ତରୀ ପରୀକ୍ଷା ପରେ ସରକାରଙ୍କ ପକ୍ଷରୁ ୫୦% ଦିବ୍ୟାଙ୍ଗ ବୋଲି ପରିଚୟପତ୍ର ମିଳିଛି। ସ୍ତ୍ରୀଙ୍କ ରୋଗ ଚିକିତ୍ସାରେ ସର୍ବସ୍ୱ ହରାଇ ସାରିଥିବା ସୁଦର୍ଶନ ଗୁଜୁରାଣ ମେଣ୍ଟାଇବା ପାଇଁ ଏକମାତ୍ର ପୁଅ ସହ ଦାଦନ ଖଟୁଛନ୍ତି। ଅନ୍ୟପଟେ ଦଦରା ଛପର ଘରେ ଭାଗ୍ୟକୁ ଆଦରି ପଡ଼ି ରହିଛନ୍ତି ପାଞ୍ଚାଳି। ଭତ୍ତା ମଞ୍ଜୁର ପାଇଁ ନିକଟ ସମ୍ପର୍କୀୟ ଲୋକେ ବ୍ଲକ କାର୍ଯ୍ୟାଳୟଠାରୁ ଜିଲା ପ୍ରଶାସନ ଯାଏ ଦୌଡ଼ି ଦୌଡ଼ି ନୟାନ୍ତ ହୋଇସାରିଲେଣି। ତଥାପି ଭତ୍ତା ମିଳୁ ନ ଥିବା ଅଭିଯୋଗ କରିଛନ୍ତି ପାଞ୍ଚାଳି।

ଗ୍ରାମର ନରୋତ୍ତମ ସାହୁଙ୍କ ୨୯ ବର୍ଷୀୟ ପୁଅ ବିଘ୍ନଙ୍କ ଅବସ୍ଥା ମଧ୍ୟ ସମାନ। ଜନ୍ମରୁ ମାନସିକ ଅନଗ୍ରସର ବିଘ୍ନ। ସ୍ତ୍ରୀ ଏବଂ ୩ବର୍ଷର ପୁଅଙ୍କୁ ନେଇ ତାଙ୍କ ପରିବାର। କାମ କରିବାକୁ ସକ୍ଷମ ନ ଥିବାରୁ ବାପାଙ୍କ ରୋଜଗାର ଉପରେ ନିର୍ଭର କରନ୍ତି ତିନି ପ୍ରାଣୀ। ନରୋତ୍ତମ ଜଣେ ରାଜମିସ୍ତ୍ରି। ସୀମିତ ସମ୍ବଳରେ ପୁଅ, ବୋହୂ ଏବଂ ନାତିଙ୍କ ବୋଝ ଉଠାଇବା ତାଙ୍କ ପକ୍ଷେ ସମ୍ଭବପର ହେଉନାହିଁ। ବିଘ୍ନଙ୍କୁ ୮୦% ଦିବ୍ୟାଙ୍ଗ ବୋଲି ପ୍ରମାଣପତ୍ର ମିଳିଥିଲେ ମଧ୍ୟ ଏଯାଏ ଭତ୍ତା ମଞ୍ଜୁର ହୋଇ ନ ଥିବା ଅଭିଯୋଗ କରିଛନ୍ତି ବାପା ନରୋତ୍ତମ।

ଦିବ୍ୟାଙ୍ଗ ହୋଇ ସରକାରୀ ଯୋଜନାରୁ ବଞ୍ଚିତ ହୋଇଥିବା ଗ୍ରାମର ଅନ୍ୟ ଜଣେ ହେଲେ ଦୁଷ୍ମନ୍ତ ବିଶ୍ୱାଳ (୩୪)। ଜନ୍ମରୁ ଦୁଷ୍ମନ୍ତଙ୍କ ଗୋଟିଏ ଗୋଡ଼ ଅଚଳ। ଦୀର୍ଘଦିନ ହେଲା ବାପାଙ୍କୁ ହରାଇଛନ୍ତି। ବିଧବା ମା' ଅତର ବିଶ୍ୱାଳଙ୍କୁ ମିଳୁଥିବା ଭତ୍ତା ଟଙ୍କାରେ ଦୁଇ ପ୍ରାଣୀ ବଡ଼ କଷ୍ଟରେ ଚଳୁଛନ୍ତି। ଦୁଷ୍ମନ୍ତଙ୍କୁ ୨୦୦୬ରୁ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସେ ୫୦% ଶାରୀରିକ ଭିନ୍ନକ୍ଷମ ବୋଲି ଏଥିରେ ସ୍ପଷ୍ଟ ଭାବେ ଦର୍ଶାଯାଇଛି। ପୁଅର ଭତ୍ତା ପାଇଁ ଦୀର୍ଘ ୧୫ ବର୍ଷ ହେଲା ଦୌଡୁଥିଲେ ବି ତାଙ୍କ ଦୁଃଖ କେହି ଶୁଣୁ ନ ଥିବା ଅତର କୋହଭରା କଣ୍ଠରେ କହିଛନ୍ତି।

ଏ ସଂକ୍ରାନ୍ତରେ ବିଡିଓ ବସନ୍ତ କୁମାର ମଲ୍ଲିକ କୁହନ୍ତି, ଅଭିଯୋଗ ସମ୍ପର୍କରେ ସେ ଅବଗତ ଅଛନ୍ତି। ସମ୍ପୃକ୍ତ ଦିବ୍ୟାଙ୍ଗଙ୍କ ସମସ୍ୟା ସମାଧାନ ଲାଗି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି।

### ଅପେକ୍ଷାରେ ୫୦୦୦ରୁ ଉର୍ଦ୍ଧ୍ୱ ଆଶାୟୀ

ପରଜଙ୍ଗ ବ୍ଲକରେ ମୋଟ ୧୭,୯୬୮ ହିତାଧିକାରୀ ବିଭିନ୍ନ ଯୋଜନାରେ ଭତ୍ତା ପାଉଛନ୍ତି। ମଧୁବାବୁ ପେନ୍‌ସନ୍ ଯୋଜନା (ଏମ୍‌ବିପିୱାଇ)ରେ ୧୦, ୮୮୦, ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନା (ଆଇଜିଏନ୍‌ଓଏପିଏସ୍)ରେ ୪,୮୯୭, ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ଭତ୍ତା ଯୋଜନା (ଆଇଜିଏନ୍‌ଡବ୍ଲୁପିଏସ୍)ରେ ୧,୮୮୫, ଇନ୍ଦିରା ଗାନ୍ଧୀ ଜାତୀୟ ଦିବ୍ୟାଙ୍ଗ ଭତ୍ତା ଯୋଜନା (ଆଇଜିଏନ୍‌ଡିପିଏସ୍)ରେ ୩୦୬ ଜଣଙ୍କୁ ସାମିଲ କରାଯାଇଛି। ଅଦ୍ୟାବଧି ୫ ହଜାରରୁ ଉର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀ ଭତ୍ତା ଅପେକ୍ଷାରେ ଅଛନ୍ତି। ୪ବର୍ଷ ହେଲା ସରକାର ଆଲର୍ଟମେଣ୍ଟ ଦେଇନାହାନ୍ତି। ଭତ୍ତା ପାଉଥିବା ହିତାଧିକାରୀଙ୍କ ମୃତ୍ୟୁ ଘଟିଲେ, ତାଙ୍କ ନାମକୁ ତାଲିକାରୁ ବାଦ୍‌ଦେଇ ନୂତନ ହିତାଧିକାରୀଙ୍କୁ ସାମିଲ କରାଯାଉଥିବା ବ୍ଲକ ଅଧକ୍ଷ ଅକ୍ଷୟ ବେହେରା ସୂଚନା ଦେଇଛନ୍ତି।


ପ୍ରଶାନ୍ତଙ୍କୁ ପୁରସ୍କୃତ କରାଯାଉଛି।

## ସେନାରୁ ଅବସର ପରେ ସଫଳ ଚାଷୀ

**ଢେଙ୍କାନାଳ ଅଫିସ, ୧୯।୩:** ଜୟ ଯବାନ, ଜୟ କିଷାନ ନାରାକୁ ପ୍ରମାଣିତ କରି ଦେଖାଇଛନ୍ତି ଢେଙ୍କାନାଳ ଜିଲା ପିଙ୍ଗୁଆ ପଞ୍ଚାୟତ ଟୋଲରପଶି ଗ୍ରାମର ଅବସରପ୍ରାପ୍ତ ଯବାନ ପ୍ରଶାନ୍ତ ନାୟକ। ସେନାରୁ ଅବସର ପରେ ଚାଷରେ ସଫଳତା ସାଉଁଟିଛନ୍ତି ସେ। ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ବୈଷୟିକ ବିଦ୍ୟାଳୟ ଦ୍ୱାରା ସଫଳ ଚାଷୀ ଭାବେ ଗତ ୧୮ ତାରିଖରେ ପୁରସ୍କୃତ ହେବା ପରେ ତାଙ୍କୁ ବିଭିନ୍ନ ମହଲରେ ପ୍ରଶଂସାର ସୁଅ ଛୁଟିଛି। ସେନାରୁ ଅବସର ନେଇ ପ୍ରଶାନ୍ତ ଭିଟାମାଟିକୁ ବାହୁଡ଼ିଥିଲେ। ଅବ୍ୟବହୃତ ହୋଇ ପଡ଼ିଥିବା ପୈତୃକ ଜମିରେ ୫ ପୋଖରୀ ଖନନ କରିବା ସହ କୁକୁଡ଼ା ଚାଷ, ନଡ଼ିଆ, କଦଳୀ, ପରିବା ଚାଷ କରି ସଫଳତା ହାସଲ କରିଛନ୍ତି। ଏଥିସହ ୧୫ଜଣଙ୍କୁ କର୍ମ ନିୟୋଜନର ରାସ୍ତା ଦେଖାଇଛନ୍ତି। ରାଜ୍ୟ ସରକାରଙ୍କ ମତ୍ସ୍ୟ, ପଶୁପାଳନ ଓ କୃଷି ବିଭାଗର ତତ୍ତ୍ୱାବଧାନରେ ଫାର୍ମର ସମ୍ପ୍ରସାରଣ କରିଛନ୍ତି। ଏବେ ଏକ ଛେଳି ଫାର୍ମ କରିବାକୁ ଯୋଜନା କରୁଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

APPOINTMENT
DOOROOMI MEDICAL PVT. LTD.
Required Smart Boys & Girls Candidates for Office Job.
Age: 18 - 30
Education: Matric to Graduate
108, Khandagiri Hill Road Bhubaneswar-30
9348916882

JOBS IN AIRPORT
(PERMANENT JOB) ରେ ଡାଇରେକ୍ଟ ଭର୍ତ୍ତି
Ground Staffs, Store Keeper Supervisors, Checkers, Loaders, Drivers, Guards & Helpers
Quali : ୧୦ମ ପଢିଥିବା + Graduate
Salary : 25000/- to 75000 + Bonus + Cab (ରହିବା + ଖାଇବା Free)
9984845594, 8800571120

WANTED
ସିଙ୍ଗାପୁରରେ ରକ୍ଷଣା ବେକ୍ଷଣା, ନିର୍ମାଣ କାର୍ଯ୍ୟ, ୧ବର୍ଷର ପ୍ରକଳ୍ପ, ୪୫ ଦିନମଧ୍ୟରେ ତୁରନ୍ତ ଯିବା, ପାସପୋର୍ଟ ଧାରକ, ସମସ୍ତ ପ୍ରକାରର କର୍ମଚାରୀ, (ଫ୍ରେଶର ମଧ୍ୟ) ତୁରନ୍ତ ଆବେଦନ କରିପାରିବେ।
କମଲ ପ୍ଲେସ୍‌ମେଣ୍ଟ, ସୁରତ, ଗୁଜୁରାଟ
CONTACT : 9157312448

RMC PVT. LTD.
A well established construction company in Bhubaneswar urgently requires.
1. ACCOUNTANT: B.Com. with 2 years experience.
2. MARKETING MANAGER: MBA, experience in realestate sector.
3. RECEPTIONIST: 1 No. (Female)
4. OFFICE BOY: 2 Nos.
Contact:
9337469627 / 6371761144
E-mail:
rmcpl.hr@gmail.com

### ସନାତନ ହତ୍ୟା ମାମଲା, ଅଭିଯୁକ୍ତ କୋର୍ଟ ଚାଲାଣ

**ଢେଙ୍କାନାଳ ଅଫିସ, ୧୯।୩**

ଢେଙ୍କାନାଳ ସଦର ଥାନା ସାରିଆଁ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୁରୁବାର ରାତି ସାଢ଼େ ୮ଟାରେ ସନାତନ ସାହୁ (୨୬)ଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ଅଭିଯୁକ୍ତ ସୁବ୍ରତ ନାୟକ ଓରଫ୍ ବାପିଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। କିଛିଦିନ ତଳେ ବାପିଙ୍କଠାରୁ ସନାତନ ଏକ ଜମିପଟ୍ଟା ନେଇଥିଲେ। ମାଗିବା ସତ୍ତ୍ୱେ ସନାତନ ଏହାକୁ ଫେରାଉ ନ ଥିଲେ। ଗୁରୁବାର ଉଭୟେ ଏକ ଭୋଜିକୁ ଯାଇଥିବାବେଳେ ଘଟଣାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ବାପି ଏକ ଟାଙ୍ଗିଆରେ ସନାତନଙ୍କୁ ହାଣି ଦେଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ଥାନାଧିକାରୀ ସନ୍ଧ୍ୟାରାଣୀ ବେଉରିଆ ସୂଚନା ଦେଇଛନ୍ତି।

REQUIRED
ACCOUNTANT for a reputed manufacturing unit near Dhenkanal. Send resume with expected salary to
dasmanaskumar619@gmail.com
Ph.- 9439802686, 9437147191

ଭୁବନେଶ୍ୱରସ୍ଥିତ
PETROL PUMP
ରେ ତେଲ ପକାଇବା ନିମନ୍ତେ ମହିଳା ପ୍ରାର୍ଥୀ ଆବଶ୍ୟକ
ଦରମା : ୧୩,୦୦୦/-
ବୟସ : ୨୨ ରୁ ୩୫ ବର୍ଷ
ଯୋଗାଯୋଗ : 9861925500
ସମୟ (ସକାଳ ୧୦ ଠାରୁ- ସନ୍ଧ୍ୟା ୬ଟା)

See Career Appointment on every Wednesday & Saturday

## ଜରୁରୀ ପରିସ୍ଥିତି ମୁକାବିଲା ପାଇଁ ମକ୍‌ଡ୍ରିଲ୍


ବିଏସ୍‌ଏଲ୍ ପ୍ଲାଣ୍ଟରେ ମକ୍‌ଡ୍ରିଲ୍।

**ଢେଙ୍କାନାଳ ଅଫିସ, ୧୯।୩**

ଢେଙ୍କାନାଳ ଜିଲା ନରେନ୍ଦ୍ରପୁରସ୍ଥିତ ଟାଟାଷ୍ଟିଲ ବିଏସ୍‌ଏଲ ପ୍ଲାଣ୍ଟରେ ଆପତକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଗୁରୁବାର ଏକ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ପ୍ଲାଣ୍ଟ ପରିସରରେ ଥିବା ଏଲ୍‌ଡି ଗ୍ୟାସ୍ ହୋଲଡରରୁ ଗ୍ୟାସ୍ ନିର୍ଗମନ ହେଲେ କିପରି ଅଘଟଣ ଏଡ଼ାଯାଇପାରିବ ସେ ନେଇ ମକ୍‌ଡ୍ରିଲ କରାଯାଇଥିଲା। ଢେଙ୍କାନାଳ ଜିଲା କ୍ରାଇସିସ୍ ମ୍ୟାନେଜମେଣ୍ଟ ଗ୍ରୁପ ପରାମର୍ଶ ଆଧାରରେ ଏଭଳି ମକ୍‌ଡ୍ରିଲ କରାଯିବା ଲାଗି ସ୍ୱତନ୍ତ୍ର ଟିମ୍ ଗଠିତ ହୋଇଥିଲା। ଢେଙ୍କାନାଳ ଜୋନ୍ କାରଖାନା ଏବଂ ବାଷ୍ପିତ୍ର ବିଭାଗ ଉପନିର୍ଦ୍ଦେଶକ ସୁଧାଂଶୁ ସାହୁ କାର୍ଯ୍ୟକ୍ରମରେ ଯୋଗଦେଇ ଜରୁରିକାଳୀନ ପରିସ୍ଥିତିର ମୁକାବିଲା ଲାଗି ଏଭଳି ଉଚ୍ଚସ୍ତରୀୟ ପ୍ରସ୍ତୁତିକୁ ପ୍ରଶଂସା କରିଥିଲେ। ନିଜ କାରଖାନାରେ ଏଭଳି ମକ୍‌ଡ୍ରିଲ୍ ଆୟୋଜନ କରିବା ପାଇଁ ସେ ଜିଲା କ୍ରାଇସିସ୍ ମ୍ୟାନେଜମେଣ୍ଟ ଗ୍ରୁପର ସଦସ୍ୟଙ୍କୁ ପରାମର୍ଶ ଦେଇଛନ୍ତି। କଣ୍ଟାବଣିଆ ଥାନାଧିକାରୀ ନିରଞ୍ଜନ ସେଠୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁଗୋଳ ଶାଖାର ସହଆଞ୍ଚଳିକ ଅଧିକାରୀ ସୌମେନ୍ଦ୍ର ମହାନ୍ତି, ହିନ୍ଦୋଳ ରୋଡ ସହକାରୀ ଅଗ୍ନିଶମ ଅଧିକାରୀ ସୁମନ୍ତ କେ. ଖୁମାରୀ, ଟାଟାଷ୍ଟିଲ ବିଏସ୍‌ଏଲ୍‌ର ଷ୍ଟିଲ ନିର୍ମାଣ ମୁଖ୍ୟ ଏଚ୍. ମହେଶ ବାବୁ, ୟୁଟିଲିଟିଜ୍ ବିଭାଗ ମୁଖ୍ୟ ବିଜୟନାଥ ମିଶ୍ରଙ୍କ ସମେତ କମ୍ପାନୀର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। କମ୍ପାନୀ ସୁରକ୍ଷା ବିଭାଗ ମୁଖ୍ୟ ଅଗମ କୁମାର, ସହକାରୀ ଉପସଭାପତି ଆଶିଷ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ମକ୍‌ଡ୍ରିଲ ପରିଚାଳିତ ହୋଇଥିଲା। ନବଭାରତ, ଏମ୍‌ଜିଏମ୍, ରୁଙ୍ଗ୍‌ଟା ମାଇନ୍ସ, ରୁଙ୍ଗ୍‌ଟା ଫେରୋ ଆଲଏଜ୍, ଶକ୍ତିସୁଗାର କମ୍ପାନୀ ପ୍ରତିନିଧି ଯୋଗଦେଇ ନିଜସ୍ୱ ମତ ଉପସ୍ଥାପନ କରିଥିଲେ।

## କ୍ଲଷ୍ଟରସ୍ତରୀୟ କିଶୋରୀ ମେଳା

**ରାସୋଳ, ୧୯।୩(ଡି.ଏନ.ଏ.)**

ହିନ୍ଦୋଳ ବ୍ଲକ ବାଙ୍କଟିଆସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଣେଶ୍ୱର କ୍ଲବ ପକ୍ଷରୁ କ୍ଲଷ୍ଟରସ୍ତରୀୟ କିଶୋରୀମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନବପଲ୍ଲୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁକାନ୍ତ ମାଝି, ସମ୍ମାନିତ ଅତିଥି ଖଜୁରିଆକଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଦିବାକର ପଟ୍ଟନାୟକ, ଆଞ୍ଚଳିକ ସାଧନ କେନ୍ଦ୍ରର ପୂର୍ବତନ ସଂଯୋଜକ ଆନନ୍ଦ ମାଝି, ଅନୁଷ୍ଠାନ ସଭାପତି ଶ୍ରୀନିବାସ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଦଣ୍ଡିରି, କୁନୁଆ, ବୁହାଳିପାଳ, ଚିଉଲପୁର, ନୂଆବଗ, ଜରଡ଼ା ଆଦି ପଞ୍ଚାୟତର ୧୧୦ ଜଣ କିଶୋରୀ ଯୋଗଦେଇଥିଲେ। ସେମାନଙ୍କୁ ନେଇ ଦଳଗତ ନୃତ୍ୟ, ସଙ୍ଗୀତ, ରଙ୍ଗୋଲି, କରୋନା ସମ୍ପର୍କିତ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସମ୍ପାଦକ ରାଜେନ୍ଦ୍ର ପାଳ, ସଂଯୋଜିକା ସ୍ୱାଗତିକା ରାଉତ, ମରୁତ ସାହୁ, ଦିବାକର ମିଶ୍ର, ପ୍ରିୟଲତା ପରିଡ଼ା, ମିନା ବିଶ୍ୱାଳ, ଲିସା ପ୍ରଧାନ, ମାଳବିକା ମିଶ୍ର, ରୁନେଲି ନାହାକ, ସୌମ୍ୟଶ୍ରୀ ସାହୁ, ଶରତ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


କୃତୀ ପ୍ରତିଯୋଗୀଙ୍କ ସହ ଅତିଥିମାନେ।

DSPL - 261
unicef for every child

ଆମ ଲୋକକଳା ଆମ ସଂସ୍କୃତି
ଆମ ଲୋକକଳା ପରିବେଷଣ - ପ୍ରତ୍ୟେକ ମାସରେ ଗୋଟିଏ ଦିନ
୨୦ ମାର୍ଚ୍ଚ ୨୦୨୧
ବଜ୍‌ନିଆ, ସମ୍ବଲପୁର
ଢେମ୍‌ସା, କୋରାପୁଟ
ଡାଲ୍‌ଖାଇ, ବରଗଡ

ସ୍ଥାନ : ଉତ୍କଳ ମଣ୍ଡପ, ଭୁବନେଶ୍ୱର
ସମୟ : ସନ୍ଧ୍ୟା ଘ.୬.୩୦ମି.
ଆୟୋଜକ
ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସରକାର
OIPR-03001/13/0016/2021

ଧରିତ୍ରୀ
DHARITRI
ଶନିବାର, ୨୦ ମାର୍ଚ୍ଚ, ୨୦୨୧



## ଏମ୍‌ପିଙ୍କ କଣିହାଁ ଗସ୍ତ

କଣିହାଁ,(ଡି.ଏନ.ଏ.)- ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଶୁକ୍ରବାର କଣିହାଁ ବ୍ଲକ ଅଞ୍ଚଳ ଗସ୍ତ କରିଥିଲେ। ବ୍ଲକ କାର୍ଯ୍ୟାଳୟଠାରୁ ଦଳୀୟ କର୍ମୀମାନଙ୍କ ସହିତ ସେ ପାଲଲହଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ରାସ୍ତାର ଉନ୍ନତୀକରଣ ପାଇଁ ଭୂମିପୂଜା କାର୍ଯ୍ୟରେ ଯୋଗ ଦେଇଥିଲେ। ଏହାପରେ ଏମ୍‌ପିଙ୍କ ଆଞ୍ଚଳିକ ବିକାଶ ପାଣ୍ଠି ସହିତ ଆମ ଗାଁ ଆମ ବିକାଶ ଯୋଜନାରେ ନିର୍ମିତ ଗୃହକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ଆଜି କ'ଣ କେଉଁଠି

କଣିହାଁ

- ଅଖଣ୍ଡ ବ୍ରହ୍ମଯଜ୍ଞ ଅଲେଖ ମହିମାଲୀଳା କାର୍ଯ୍ୟକ୍ରମ। ସ୍ଥାନ-ବଡ଼ହୀରା ହରିଜନ ସାହି। ସମୟ-ସନ୍ଧ୍ୟା ୭ଟା।

## ସଂକ୍ଷେପରେ

### ୫ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୧୯।୩:** ଅନୁଗୋଳ ଜିଲାରୁ ଶୁକ୍ରବାର ୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୧୨ ହଜାର ୪୨୧ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଅନୁଗୋଳ ପୌରାଞ୍ଚଳରୁ ୨ଜଣ, ଅନୁଗୋଳ ବ୍ଲକରୁ ଜଣେ, କଣିହାଁ ବ୍ଲକରୁ ଜଣେ ଓ ପାଲଲହଡା ବ୍ଲକରୁ ଜଣେ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୨ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ଶାଗୁଆନ ପଦାରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

**ବଇଣ୍ଡା,୧୯।୩(ଡି.ଏନ.ଏ.):** କିଶୋରନଗର ବ୍ଲକ ବଇଣ୍ଡା ରେଳ ଷ୍ଟେଶନ ନିକଟରେ ଥିବା ଶାଗୁଆନ ପଦାରେ ଗୁରୁବାର କେତେଜଣ ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ଫଳରେ ବହୁ ଶାଗୁଆନ ଗଛ ପୋଡିଯାଇଛି। ପ୍ରକାଶ ଯେ, ଷ୍ଟେଶନ ନିକଟ ୨ ଏକର ଜମିରେ ୧ ହଜାରରୁ ଊର୍ଦ୍ଧ୍ୱ ଶାଗୁଆନ ଚାରା ୧୯୯୯ ମସିହାରେ ରେଳ ବିଭାଗ ଓ ଜଙ୍ଗଲ ବିଭାଗ ମିଳିତ ଭାବେ ଲଗାଇ ଥିଲେ। ଉକ୍ତ ଗଛ ଗୁଡିକ ଉପରେ କାଠ ଚୋରଙ୍କ ନଜର ପଡିଛି। ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ କିଛି ଗଛ କାଟି ନେଇଥିବାବେଳେ ଗୁରୁବାର ନିଆଁ ଲଗାଇ ଦେଇଛନ୍ତି।

### ବ୍ଲକ କର୍ମଚାରୀଙ୍କୁ ଆକ୍ରମଣ

**ବଇଣ୍ଡା,୧୯।୩(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ କର୍ମଚାରୀ ବିନୋଦ କୁମାର ସାମଲଙ୍କୁ ଆକ୍ରମଣ ହୋଇଛି। ଠାକୁରଗଡ ଥାନା ଅରଖକୁଦ ଗ୍ରାମର ମାନସ ରାଉଳ, ସିପୁନ ରାଉଳ ଗୁରୁବାର ଆକ୍ରମଣ କରିଥିବା ବିନୋଦ ଠାକୁରଗଡ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୬୬/୨୧ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଗ୍ରାମରେ ଆବର୍ଜନା ପକାଇବା ପାଇଁ ପ୍ରଶାସନ ପକ୍ଷରୁ ଏକ ଅସ୍ଥାୟୀ କୁଣ୍ଡ ଖୋଳାଯାଉଥିଲା। ତାହାର ଫଟୋ ଉଠାଇବା ପାଇଁ ବିନୋଦ ଯାଇଥିବା ବେଳେ ମାନସ ଓ ସିପୁନ ବିରୋଧ କରିବା ସହ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ଗଛରେ ପିଟିହେଲା କାର୍

**ଛେଣ୍ଡିପଦା,୧୯।୩(ସ୍ୱ.ପ୍ର.):** ଛେଣ୍ଡିପଦା-ବୁଢ଼ାପାଳ ରାସ୍ତାର ଚାରବାଟିଆ ଛକଠାରେ ଶୁକ୍ରବାର ଏକ କାର୍ (ନଂ. ସିଜି୧୯ସି-୩୭୨୩) ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଏକ ପରିବାରର କେତେଜଣ ସଦସ୍ୟ ଗୁରୁତର ହୋଇଛନ୍ତି। ରାୟଗଡରୁ ଯାଜପୁର ଅଭିମୁଖେ କାର୍‌ଟି ଆସୁଥିବାବେଳେ ଚାରବାଟିଆ ଛକଠାରେ ଚା' ଦୋକାନକୁ ଧକ୍କା ଦେବା ପରେ ଗଛରେ ପିଟି ହୋଇଯାଇଥିଲା। ଖବରପାଇ ଛେଣ୍ଡିପଦା ପୋଲିସ ଗୁରୁତରଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ପରେ ସେମାନଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ପୋଲିସ କାର ଜବତ କରି ତଦନ୍ତ ଚଳାଇଛି।

### ଚୋରି ଅଭିଯୋଗ, ୨ ଗିରଫ

**କଣିହାଁ,୧୯।୩(ଡି.ଏନ.ଏ.):** ଚୋରି ଅଭିଯୋଗରେ ରେଙ୍ଗାଳି ଡ୍ୟାମ୍ ସାଇଟ ପୋଲିସ ଶୁକ୍ରବାର ଟିକୁ ମୁଣ୍ଡା, ହାଡ଼ିବନ୍ଧୁ ସାହୁଙ୍କୁ ଗିରଫ କରିଛି। ଗତ ୧୬ ତାରିଖ ରାତିରେ ରେଙ୍ଗାଳି ଡ୍ୟାମ୍ ପାଣି ଯୋଗାଣ ବିଭାଗ ଫିଲ୍ଟର ହାଉସରୁ ଚୋରି ହୋଇଥିଲା। ଫଳରେ ଗୋଟିଏ ଦିନ ପାଣି ଯୋଗାଣ ବନ୍ଦ ରହିଥିଲା। ଅଭିଯୋଗକ୍ରମେ ପୋଲିସ ନଂ. ୪୩/୨୧ରେ ମାମଲା ରୁଜୁ କରିଥିଲା। ପୋଲିସ ଉଭୟ ଅଭିଯୁକ୍ତଙ୍କଠାରୁ ଚୋରି ସାମଗ୍ରୀ କରିଥିବା ଆଇଆଇସି ସରୋଜକାନ୍ତ ସାମଲ ସୂଚନା ଦେଇଛନ୍ତି।

### ପଞ୍ଚଶ୍ରୀକ୍ଷେତ୍ର ପ୍ରତିଷ୍ଠା ଦିବସ

**ବଅଁରପାଳ,୧୯।୩(ଡି.ଏନ.ଏ.):** ବଅଁରପାଳ ପଞ୍ଚଶ୍ରୀକ୍ଷେତ୍ର ମନ୍ଦିରର ୧୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମନ୍ଦିରର ପୂର୍ବତନ ସଭାପତି ସତ୍ୟବାନ ବରାହ ଓ କୁମୁଦିନୀ ବରାହ କର୍ତ୍ତା ଭାବେ ଯୋଗ ଦେଇଥିଲେ। ଗୋତମରା ଗ୍ରାମର ମହିଳା ସଂକୀର୍ତ୍ତନ ମଣ୍ଡଳୀମାନେ ହରିନାମ ପରିବେଷଣ କରିଥିଲେ। ଏହି ଅବସରରେ ମନ୍ଦିର ପ୍ରତିଷ୍ଠାରେ ଅବଦାନ ଥିବା ବ୍ୟାସଦେବ ମିଶ୍ର, ଭୀମ ଭାସ୍କର ରାୟ ଓ ନରେଶ ଚନ୍ଦ୍ର ସାହୁଙ୍କୁ ମନ୍ଦିର କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା। ପ୍ରଦୀପ୍ତ ମାଝି, ପୀତାମ୍ବର ଜେନା, କୃତାର୍ଥ ସେନାପତି, ନିର୍ମଳ ଗଡ଼ନାୟକ, ଅଖିଳ ମହାପାତ୍ର, ବିପ୍ରଚରଣ ଜେନା ପ୍ରମୁଖ ସହଯୋଗ କରିଥିଲେ।

# ପୋଲିସ-ଜନତା ଦୂରତ୍ୱ କମିବ

**ଆରମ୍ଭ ହେଲା ଇଆର୍‌ଏସ୍‌ଏସ୍ ସେବା**

- ୧୧୨କୁ କଲ୍ କଲେ ତୁରନ୍ତ ପହଞ୍ଚିବ ପୋଲିସ
- ଅନୁଗୋଳ ଥାନାର ୬ ଅଧିକାରୀଙ୍କୁ ୬ ପ୍ରଶିକ୍ଷଣ



ଅନୁଗୋଳ ଅଫିସ, ୧୯।୩

କଟକ-ଭୁବନେଶ୍ୱର ପରି ଏଣିକି ଅନୁଗୋଳ ଜିଲା ସଦର ମହକୁମାରେ ମିଳିବ ତ୍ୱରିତ ପୋଲିସ ସେବା। କୌଣସି ଅସୁବିଧାଜନକ ସ୍ଥିତିରେ କେହି ୧୧୨କୁ ଡାଏଲ କରିବା ମାତ୍ରେ ଜିପିଏସ୍ ପଦ୍ଧତିରେ ଠିକଣା ଠାବ କରି ପୋଲିସ ପହଞ୍ଚିବା ସହ ଜରୁରୀ ସେବା ଯୋଗାଇ ଦେବ। ଆବଶ୍ୟକସ୍ଥଳେ ଅଗ୍ନିଶମ ଓ ଆମ୍ବୁଲାନ୍ସ ମଧ୍ୟ ସେହି ଫୋନ୍ କଲ୍ ମାଧ୍ୟମରେ ପହଞ୍ଚିପାରିବ। ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାରଠାରୁ ଏହି ଇଆର୍‌ଏସ୍‌ଏସ୍ (ଏମରଜେନ୍ସି ରେସପନ୍ସ ସର୍ପୋଟ ସିଷ୍ଟମ) ସେବାର ଉଦ୍‌ଘାଟନ କରାଯାଇଛି।

ଏ ନେଇ ଅନୁଗୋଳ ଜିଲା ପୋଲିସ ମୁଖ୍ୟାଳୟରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ଜଗମୋହନ ମୀନା ଏହାର ଆୟୋଜନ ସହ ଅନୁଗୋଳ ଥାନା ଅଧିକାରୀଙ୍କୁ ମିଶାଇ ୬ ଜଣ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଜରୁରୀ ସ୍ଥିତିରେ ଲୋକଙ୍କ ନିକଟରେ ପହଞ୍ଚିବା ପାଇଁ ପୋଲିସକୁ ୨ଟି ପିସିଆର ଭ୍ୟାନ ଓ ୨ଟି ବାଇକ୍ ଦିଆଯାଇଛି। ଉକ୍ତ ଭ୍ୟାନ୍‌ରେ ଜିପିଏସ୍ ବ୍ୟବସ୍ଥା ଥିବା ଦୁଇଟି ଟାବ୍‌ଲେଟ୍ ଲଗାଯାଇଛି। ବାଇକ୍‌ରେ ଯିବାକୁ ଥିବା ପୋଲିସ ଅଧିକାରୀଙ୍କୁ ଟାବଲେଟ୍ ପ୍ରଦାନ କରାଯାଇଛି। ୧୧୨କୁ କେହି କଲ୍ କଲେ ତାହା ଭୁବନେଶ୍ୱରର କଲ୍ ସେଣ୍ଟରକୁ ଯିବ। ସେଠାରେ ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀ ତୁରନ୍ତ କଲ୍ କରିଥିବା ବ୍ୟକ୍ତିଙ୍କ ଉପସ୍ଥିତି ଜିପିଏସ୍ ମାଧ୍ୟମରେ ଠାବ କରି ଜିଲା ପୋଲିସ ମୁଖ୍ୟାଳୟ କଣ୍ଟ୍ରୋଲ ରୁମ୍‌କୁ ପଠାଇବେ। ଉକ୍ତ ସୂଚନା ଆଧାରରେ ଇଆର୍‌ଏସ୍‌ଏସ୍ ଗାଡ଼ି ସହ ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିବେ। ଗାଡ଼ିରେ ଲାଗିଥିବା ଟାବଲେଟ୍‌ରେ ସହାୟତା ଚାହୁଁଥିବା ବ୍ୟକ୍ତିଙ୍କ ସ୍ଥାନ, ଫୋନ୍ ନମ୍ବର ଓ ରାସ୍ତା ପୋଲିସ ଦେଖିପାରିବ। ସେଠାରେ ପହଞ୍ଚି ସମସ୍ୟା ସମ୍ପର୍କରେ ପୋଲିସ ଅଧିକାରୀ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅବଗତ କରିବେ। ଏଥିସହ ଘଟଣାସ୍ଥଳରେ କିଭଳି ଭାବେ ଲୋକଙ୍କୁ ସେବା ଯୋଗାଇ ହେବ, ସେ ନେଇ ନିଷ୍ପତ୍ତି ମଧ୍ୟ ନେବେ। ଏହି ତ୍ୱରିତ ସେବା ଦ୍ୱାରା ପୋଲିସ ଜନସାଧାରଣଙ୍କ ଅଧିକ ନିକଟତର ହୋଇପାରିବ ବୋଲି ପୋଲିସ ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି।

### ଲୋକଙ୍କ ବିଶ୍ୱାସ ବଢ଼ିବ



ଅସୁବିଧାରେ ପଡ଼ିଥିବା ଲୋକଙ୍କୁ ତୁରନ୍ତ ଥାନାକୁ ଦୌଡ଼ିବାକୁ ପଡ଼ିବ ନାହିଁ। ୧୧୨ରେ ଅଭିଯୋଗ ଆସିବା ପରେ ତତ୍କ୍ଷଣାତ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବେ। ଏହାଦ୍ୱାରା ଲୋକମାନେ ତ୍ୱରିତ ପୋଲିସ ସେବା ପାଇ ପାରିବେ। ଫଳରେ ପୋଲିସ ଉପରେ ସହରବାସୀ ଅଧିକ ବିଶ୍ୱାସ କରିପାରିବେ।

-ଜଗମୋହନ ମୀନା, ଅନୁଗୋଳ ଏସ୍‌ପି

### ବ୍ୟବସ୍ଥାର ସୁଫଳ ମିଳିବା ଦରକାର



ସରକାର ଅନେକ ବ୍ୟବସ୍ଥା କରୁଛନ୍ତି। କିନ୍ତୁ ବେଳେ ବେଳେ ତାହାର ସୁଫଳ ଲୋକଙ୍କ ନିକଟରେ ଠିକ୍ ଭାବେ ପହଞ୍ଚିପାରୁ ନାହିଁ। ତେଣୁ ଏହି ଇଆର୍‌ଏସ୍‌ଏସ୍ ବ୍ୟବସ୍ଥାର ଉଦ୍ଦେଶ୍ୟ ପୋଲିସ ପ୍ରଶାସନ ବୁଝିବା ସହ ଆବଶ୍ୟକସ୍ଥଳେ ଜନସାଧାରଣଙ୍କ ନିକଟରେ ତତ୍କାଳ ପହଞ୍ଚି ସେବା ଯୋଗାଇଦେବା ଦରକାର।

-ପ୍ରଦୀପ ଦେବତା, ଆଇନଜୀବୀ

### ମହିଳାମାନେ ରାସ୍ତାରେ ଭୟଭୀତ ହେବେ ନାହିଁ



ଅନୁଗୋଳରେ ଆରମ୍ଭ ହୋଇଥିବା ଏହି ଇଆର୍‌ଏସ୍‌ଏସ୍ ଏକ ଉତ୍ତମ ବ୍ୟବସ୍ଥା। ଜରୁରୀ ସ୍ଥିତିରେ ପୋଲିସ, ଆମ୍ବୁଲାନ୍ସ ଓ ଅଗ୍ନିଶମ ସେବା ସହରବାସୀଙ୍କୁ ତ୍ୱରିତ ମିଳିପାରିବ। ବିଶେଷକରି ରାସ୍ତାରେ ଯାତାୟାତ ବେଳେ ଦୁର୍ବୃତ୍ତଙ୍କ ହାବୁଡ଼ରେ ପଡୁଥିବା ମହିଳାମାନେ ଭୟଭୀତ ନ ହୋଇ ପୋଲିସର ସହାୟତା ନେଇପାରିବେ।

-ଲିପିକା ପରିଡ଼ା, ଅନୁଗୋଳ

### ଅସାମାଜିକଙ୍କ ମଧ୍ୟରେ ଭୟ ବଢ଼ିବ



ଇଆର୍‌ଏସ୍‌ଏସ୍ ସେବା ଅସାମାଜିକଙ୍କ ମଧ୍ୟରେ ଭୟ ବଢ଼ାଇଦେବ। ଲୁଟ୍, ଚୋରି, ଡକାୟତି ବେଳେ ଲୋକମାନଙ୍କ ନିକଟରେ ପୋଲିସ ପହଞ୍ଚିବାରେ ବିଳମ୍ବ ହେବ ନାହିଁ। କିଛିମାସ ହେଲା ଅନୁଗୋଳ ସହରରେ ଯେଉଁଭଳି ଭାବେ ଲୁଟ୍ ଓ ଛିନ୍‌ତାଇ ଗୋଷ୍ଠୀ ସକ୍ରିୟ ହୋଇଛନ୍ତି, ଏହି ସେବା ସେମାଙ୍କୁ ସାବାଡ଼ କରିପାରିବ।

-କାଞ୍ଚନ ସିଂହ, ଅନୁଗୋଳ

## ଅତ୍ୟାଧୁନିକ କଣ୍ଟ୍ରୋଲ ରୁମ୍ ଉଦ୍‌ଘାଟିତ

ଢେଙ୍କାନାଳ ଅଫିସ, ୧୯।୩

ରାଜ୍ୟରେ ଆରମ୍ଭ ହୋଇଛି ଏମରଜେନ୍ସି ରେସପନ୍ସ ସପୋର୍ଟ ସିଷ୍ଟମ୍ (ଇଆରଏସ୍‌ଏସ୍) ବ୍ୟବସ୍ଥା। ଏଥିସହ ଜାରି କରାଯାଇଛି ହେଲ୍‌ପ ଲାଇନ୍ ନମ୍ବର-୧୧୨। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଏହାର ଶୁଭାରମ୍ଭ କରିବା ପରେ ଢେଙ୍କାନାଳ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏସ୍‌ପି କେ. ଶିବା ସୁବ୍ରମଣି ଜିଲା ପୋଲିସ କାର୍ଯ୍ୟାଳୟରେ ଅପରାହ୍ନ ୫ଟାରେ ଇଆରଏସ୍‌ଏସ୍‌ର ୨ଟି ଗାଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଦୁଇ ଗାଡ଼ି ଢେଙ୍କାନାଳ ପୌରାଞ୍ଚଳରେ କାର୍ଯ୍ୟ କରିବ। ଏହି ଅବସରରେ ଜିଲା ପୋଲିସ କାର୍ଯ୍ୟାଳୟରେ ଏକ ଅତ୍ୟାଧୁନିକ କଣ୍ଟ୍ରୋଲ ରୁମକୁ ଏସ୍‌ପି ଉଦ୍‌ଘାଟନ କରିଥିଲେ। ଏଣିକି ଜନସାଧାରଣ ୧୧୨ ଡାଏଲ କରି ପୋଲିସ, ଅଗ୍ନିଶମ, ଆମ୍ବୁଲାନ୍ସ ଭଳି ଜରୁରୀ ସେବା ପାଇପାରିବେ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ପୋଲିସ ବିଭାଗର ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।



ଇଆର୍‌ଏସ୍‌ଏସ୍ ଗାଡିକୁ ଏସ୍‌ପି ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

## ଯୁବତୀଯୁବକଙ୍କୁ ସ୍ୱାବଲମ୍ବୀ କରିବାକୁ ପରାମର୍ଶ

ଅନୁଗୋଳ ଅଫିସ, ୧୯।୩

ଅନୁଗୋଳ ଜିଲାପରିଷଦ ସମ୍ମିଳନୀ କକ୍ଷ ଠାରେ ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ବିକାଶ ଯୋଜନା ଅନ୍ତର୍ଗତ ଅଭିଭାବକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅଧ୍ୟକ୍ଷତା କରି ଯୁବତୀଯୁବକମାନେ କିପରି ଅଧିକ କୁଶଳୀ ଓ ସ୍ୱାବଲମ୍ବୀ ହୋଇପାରିବେ ସେ ଦିଗରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଯୁବତୀ ଯୁବକମାନେ ସ୍ୱାବଲମ୍ବୀ ହେଲେ ସ୍ଥାନୀୟ ଅର୍ଥନୀତି ସମୃଦ୍ଧ ହେବ ବୋଲି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ କହିଥିଲେ। ୨୦୧୯-୨୦ ଆର୍ଥିକ ବର୍ଷରେ ଜିଲାର ପଞ୍ଜୀକୃତ ୬୧୦୪ ଜଣ ମଧ୍ୟରୁ ୮୪୧ ଯୁବତୀ ଯୁବକ ତାଲିମ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୫୮୦ ଜଣ ନିଯୁକ୍ତ ପାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିପରି ୨୦୨୦-୨୧ ବର୍ଷରେ ପଞ୍ଜୀକୃତ ୧୭୧୭ ଜଣଙ୍କ ମଧ୍ୟରୁ ୩୪୧ ଜଣ ତାଲିମ ଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୫ ଜଣ ନିଯୁକ୍ତି ପାଇଛନ୍ତି ବୋଲି ଓରମାସ୍ ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ସୌରଭମୟ ଦାସ ସୂଚନା ଦେଇଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ରଥ, ଅଗ୍ରଣୀ ବ୍ୟାଙ୍କ ମ୍ୟାନେଜର ମହେଶ୍ୱର ଗୌଡ, ମିଶନ ଶକ୍ତିର ଡିପିସି ବସନ୍ତ ମଲ୍ଲିକ, ପ୍ରକଳ୍ପ ସଂଯୋଜକ ଓଡ଼ିଶା ଜୀବିକା ମିଶନର ଚନ୍ଦନ କୁମାର ବେହେରା ଓ ମହିଳା ପଲିଟେକନିକ ମହାବିଦ୍ୟାଳୟର ପ୍ରଶିକ୍ଷିକା ଲୋପାମୁଦ୍ରା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ପୌରପାଳିକା ବଡ଼ାଖାନା ବର୍ଜନ

ଅନୁଗୋଳ ଅଫିସ, ୧୯।୩

ଅନୁଗୋଳ ପୌରପାଳିକା ପକ୍ଷରୁ ଶୁକ୍ରବାର ସଫେଇ କର୍ମଚାରୀଙ୍କ ପାଇଁ ବଡ଼ାଖାନାର ବ୍ୟବସ୍ଥା କରାଯାଇଥିଲା। ସହରର ଲକି ଟାଇପ୍ ଛକରେ ଥିବା ପୌରପାଳିକା କଲ୍ୟାଣ ମଣ୍ଡପରେ ଏହାର ଆୟୋଜନ ହୋଇଥିଲା। କିନ୍ତୁ ସଫେଇ କର୍ମଚାରୀମାନେ ଏହାକୁ ବର୍ଜନ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ସଫେଇ କର୍ମଚାରୀଙ୍କ ପାଇଁ ଭାତ, ଡାଲି, ଚିକେନ, ମାଛ ଛେଞ୍ଚଡ଼ା, ପାମ୍ପଡ଼ ଆଦି ପ୍ରସ୍ତୁତ କରାଯାଇଥିଲା। ଠିକା ସଂସ୍ଥା ଅଧୀନରେ କାର୍ଯ୍ୟ କରୁଥିବା ସଫେଇ କର୍ମଚାରୀମାନେ ପ୍ରଥମେ ବଡ଼ାଖାନାରେ ଯୋଗଦେବେ ନାହିଁ ବୋଲି କହିଥିଲେ। ପରେ ପୌରପାଳିକାର ସ୍ଥାୟୀ ଓ ଡିଏଲଆର୍ କର୍ମଚାରୀମାନେ ମଧ୍ୟ ଏହାକୁ ବର୍ଜନ କରିଥିଲେ। ଫଳରେ ପୌରକର୍ମଚାରୀଙ୍କ ସହ ସ୍ୱଚ୍ଛସାଥୀଙ୍କୁ ବଡ଼ାଖାନା ପରଷା ଯାଇଥିଲା। ଠିକା କର୍ମଚାରୀମାନଙ୍କ କହିବା ମୁତାବକ, ସରକାର କେବଳ ମାସକୁ ଥରେ ଖାଇବାକୁ ଦେଲେ ହେବ ନାହିଁ। ଆମ ପେଟପାଟଣା ଅଲଗା ଦିନରେ ପୋଡ଼ିଯାଉଛି। ସରକାର ନାଯ୍ୟ ଦାବି ପୂରଣ କଲେ ବଡ଼ାଖାନାର ଆବଶ୍ୟକ ପଡ଼ନ୍ତା ନାହିଁ। ପୌରପାଳିକା ପକ୍ଷରୁ କୁହାଯାଇଛି, ସଫେଇ କର୍ମଚାରୀଙ୍କୁ ବଡ଼ାଖାନାକୁ ଆସିବା ପାଇଁ କୁହାଯାଇଥିଲା। ପ୍ରଥମେ ଠିକା ସଫେଇ କର୍ମଚାରୀମାନେ ମନା କରିଥିଲେ। ପରେ ସ୍ଥାୟୀ ଓ ଡିଏଲଆର୍ କର୍ମଚାରୀମାନେ ବର୍ଜନ କରିଥିଲେ।



ପୌରକର୍ମଚାରୀଙ୍କ ସହ ସ୍ୱଚ୍ଛସାଥୀଙ୍କୁ ବଡ଼ାଖାନା ପରଷା ଯାଉଛି।

## ୧୧୧୮ ଭିନ୍ନକ୍ଷମ ପଞ୍ଜୀକୃତ

ପାଲଲହଡ଼ା,୧୯।୩(ଡି.ଏନ.ଏ.)

ଅନୁଗୋଳ ଜିଲା ପାଲଲହଡା ବ୍ଲକ ମହତାବ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଜିଲା ସାମାଜିକ ସୁରକ୍ଷା ବିଭାଗ ଅନୁଗୋଳ ଆନୁକୂଲ୍ୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପାଲଲହଡା ଉପଜିଲାପାଳ ଅଜିତ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ନବକିଶୋର ନାଏକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମାଧବ ଚନ୍ଦ୍ର ବରାଡ଼, ରବିନାରାୟଣ ମାଝି, ଆଲମା କୁଜୁର ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ଅସ୍ଥିଶଲ୍ୟ ବିଭାଗରେ ୪୦୬ ଜଣ, କର୍ଣ୍ଣ ବାଧିତ ବିଭାଗରେ ୧୭୩, ଚକ୍ଷୁ ବିଭାଗରେ ୨୧୯, ମାନସିକ ବିଭାଗରେ ୨୪୨ ଏବଂ ଶିଶୁ ବିଭାଗରେ ୭୮ଜଣ ଦିବ୍ୟାଙ୍ଗଙ୍କୁ ପଞ୍ଜୀକୃତ କରାଯାଇଥିଲା। ଏଥିରେ ୫ ଜଣ ଡାକ୍ତର ଓ ୪ ଜଣ ସହଯୋଗୀ ନିୟୋଜିତ ଥିଲେ। ପ୍ରଧାନଶିକ୍ଷକ ଟଙ୍କଧର ପ୍ରଧାନଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଏସ୍ ଲଲାଟେନ୍ଦୁ ଉପସ୍ଥିତ ଥିଲେ।

## ବିକାଶରେ ଗଣମାଧ୍ୟମ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଢେଙ୍କାନାଳ ଅଫିସ, ୧୯।୩

ଆଞ୍ଚଳିକ ବିକାଶରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସାମ୍ବାଦିକମାନେ ନିର୍ଭୀକ ଭାବେ ବିଭିନ୍ନ ଘଟଣା ଜନସାଧାରଣଙ୍କ ନିକଟରେ ଉପସ୍ଥାପନା କରିଥାନ୍ତି। ରାଜ୍ୟ ସରକାର ଶିଳ୍ପଠୁ ଆରମ୍ଭ କରି ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଉଦ୍ୟମ କରୁଛନ୍ତି। କପିଳାସ ପୀଠରେ ରୋପୱେ ପାଇଁ ପ୍ରାୟ ୩ କୋଟି ଟଙ୍କାର ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। କପିଳାସ, ଯୋରନ୍ଦାକୁ ଇକୋ ଟୁରିଜିମ୍ ଭାବେ ଘୋଷଣା କରାଯାଇଛି। ଢେଙ୍କାନାଳ ପୌରାଞ୍ଚଳରେ ୩ ମୁଖଶାଳା ଏବଂ ୩ ପାର୍କ ନିର୍ମାଣ ପାଇଁ ଉଦ୍ୟମ ଜାରିରହିଛି। ଲୋକମାନେ ବିକାଶରେ ସାମିଲ ହେଲେ ସମସ୍ୟା ସମାଧାନ ହୋଇପାରିବ ବୋଲି କହିଛନ୍ତି ବିଧାୟକ ସୁଧୀର କୁମାର ସାମଲ। ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲ୍ ପରିସରରେ ଶୁକ୍ରବାର ଆୟୋଜିତ ଜିଲା ସାମ୍ବାଦିକ ସଂଘର କାର୍ଯ୍ୟକାରିଣୀ ବୈଠକ ଏବଂ 'ଆଞ୍ଚଳିକ ବିକାଶରେ ଗଣମାଧ୍ୟମର ଭୂମିକା' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ଏହା କହିଥିଲେ। ସଂଘ ସଭାପତି ପ୍ରସନ୍ନ କୁମାର ପଟ୍ଟନାୟକ ସାମ୍ବାଦିକ ଭବନର ଉନ୍ନତୀକରଣ ନେଇ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଂଘ ଉପଦେଷ୍ଟା ପ୍ରଦ୍ୟୁମ୍ନ ରଥ, ପ୍ରଦୀପ ଦାଶ, ବିମଳ ଥମ୍ବ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଖବରଦାତାଙ୍କ ବିଭିନ୍ନ ସମସ୍ୟା ଏବଂ ଆଞ୍ଚଳିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସଦସ୍ୟ ଆଦିତ୍ୟ ପଣ୍ଡାଙ୍କ ଚିକିତ୍ସା ପାଇଁ ଗଁଦିଆ ବ୍ଲକ ସଂଘ ପକ୍ଷରୁ ୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସାଧାରଣ ସମ୍ପାଦକ ସତ୍ୟସ୍ୱରୂପ ଦାସ ବିବରଣୀ ପାଠ କରିଥିବାବେଳେ ଉପସଭାପତି ଅଥୟ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ପୂର୍ବାହ୍ନରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ଜିଲାର ବିକାଶ ପାଇଁ ସଂଘ ସଦସ୍ୟଙ୍କ ସହଯୋଗ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀତାଂଶୁ ଶେଖର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ନୂତନ କାର୍ଯ୍ୟକାରୀ କମିଟି ସଦସ୍ୟଙ୍କୁ ଶପଥପାଠ କରାଯାଇଥିଲା। କେତେଜଣ ଖବରଦାତାଙ୍କୁ ଜିଲାପାଳ ସ୍ୱାସ୍ଥ୍ୟ ବୀମାକାର୍ଡ ପ୍ରଦାନ କରିଥିଲେ। କପିଳାସ କ୍ଷେତ୍ରାଧିପତି ଶ୍ରୀଚନ୍ଦ୍ରଶେଖରଜୀଉଙ୍କ ସୁନାବେଶ ଲାଗି ସଂଘ ପକ୍ଷରୁ ୫ହଜାର ଟଙ୍କାର ଏକ ଚେକ୍ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ବ୍ଲକସ୍ତରୀୟ ପରାମର୍ଶ ଶିବିର

ଛେଣ୍ଡିପଦା,୧୯।୩ (ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ଛେଣ୍ଡିପଦା ପଞ୍ଚାୟତ ଠାରେ ଓରମାସ ଓ ଜିଲାପ୍ରଶାସନ ପକ୍ଷରୁ ଶୁକ୍ରବାର ବ୍ଲକସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଜୀବିକାମିଶନର ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ପ୍ରମୋଦ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱନାଥ ସାହୁ, ଜିଲା ଦକ୍ଷତା ବିକାଶ ସଂଯୋଜକ ତପନ ମହାନ୍ତି ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବେକାର ଯୁବତୀଯୁବକମାନେ ସରକାରଙ୍କ ପକ୍ଷରୁ ମାଗଣାରେ ଦିଆଯାଉଥିବା ଦକ୍ଷତା ଭିତ୍ତିକ ତାଲିମ ନେଇ ସ୍ୱାବଲମ୍ବୀ ହୋଇପାରିବେ ବୋଲି ମୁଖ୍ୟଅତିଥି ପ୍ରକାଶ କରିଥିଲେ। ଶିବିରରେ ଛେଣ୍ଡିପଦା ବ୍ଲକର ବିଭିନ୍ନ ଅଞ୍ଚଳରୁ ୨୩୬ ଜଣ ବେକାର ଯୁବତୀଯୁବକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶିବିରରେ ସାହି ଏକ୍ସପର୍ଟ, ଗ୍ରାମ ତରଙ୍ଗ, ଜେଆରବି, ନିଅମ, ମାର୍ଗଦର୍ଶକ, ସିଏଷ୍ଟା, ଫ୍ରୋଷ୍ଟେଟସ ଆଦି ତାଲିମ ସଂସ୍ଥାର ୫୮ ଜଣ ବେକାର ଯୁବତୀଯୁବକ ତାଲିମ ନେଇ ସ୍ୱାବଲମ୍ବୀ ହେବା ପାଇଁ ଚୟନ କରାଯାଇଥିଲା। ବ୍ଲକ ଦକ୍ଷତା ବିକାଶ ସଂଯୋଜକ ସୁବ୍ରତ କୁମାର ଗଡନାୟକ, ସଂଯୋଜିକା ହିରଣ୍ମୟୀ ପ୍ରଧାନ ଓ ସଂଯୋଜକ ସଞ୍ଜୟ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ପାଣି ମଡ଼ାଇବାକୁ ଯାଇ ଚାଷୀ ମୃତ

ଅନୁଗୋଳ ଅଫିସ, ୧୯।୩

- ଖୁଣ୍ଟରେ ଚଢ଼ି ବିଦ୍ୟୁତ୍ ସଂଯୋଗ ବେଳେ ଚାଲିଗଲା ଜୀବନ
- ବିଭାଗୀୟ କର୍ମଚାରୀଙ୍କ ଅବହେଳା ଦାୟୀ
- ପ୍ରତିବାଦରେ ଚାରି ଘଣ୍ଟା ରାଜପଥ ଅବରୋଧ

ଅନୁଗୋଳ ସଦର ଥାନା ମୁଷାପାପୁଲି ଅଞ୍ଚଳରେ ଶୁକ୍ରବାର ପୂର୍ବାହ୍ନରେ ଏକ ଅଘଟଣ ଘଟିଛି। କ୍ଷେତକୁ ପାଣି ମଡ଼ାଇବାକୁ ଯାଇଥିବା ଚାଷୀ ପ୍ରକାଶ ସାହୁ(୪୦)ଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି। ଦୀର୍ଘ ସମୟ ଧରି ତାଙ୍କ ମୃତଦେହ ଖୁଣ୍ଟରେ ଝୁଲି ରହିଥିଲେ ମଧ୍ୟ ବିଦ୍ୟୁତ୍ କର୍ମଚାରୀଙ୍କ ଦେଖା ନ ମିଳିବାରୁ ଲୋକଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ସେମାନେ ଦୀର୍ଘ ୪ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ କରିଥିଲେ। ପରେ ବିଭାଗୀୟ ଅଧିକାରୀ, ପୋଲିସ ପହଞ୍ଚି କ୍ଷତିପୂରଣ ସହ ରେଡ୍‌କ୍ରସ୍ ପାଣ୍ଠିରୁ ସହାୟତା ଓ ମୃତକଙ୍କ ପୁଅଙ୍କୁ ବିଦ୍ୟୁତ୍ କମ୍ପାନୀରେ ଚାକିରି ଦେବାର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ପ୍ରକାଶ ଯେ, ଚାଷୀ ପ୍ରକାଶ ସାହୁ ସକାଳେ କ୍ଷେତରେ ପାଣି ମଡ଼ାଇବାକୁ ଯାଇଥିଲେ। କିନ୍ତୁ ବିଦ୍ୟୁତ୍ ସଂଯୋଗ ନ ଥିବାରୁ ସରକାରୀ ବୋର୍‌ୱେଲ ପମ୍ପ ଚାଲୁ ନ ଥିଲା। ବିଦ୍ୟୁତ୍ ସଂଯୋଗ ଦେବାକୁ ସେ ପୂର୍ବରୁ ବିଭାଗ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ପଦକ୍ଷେପ ନିଆଯାଇ ନ ଥିଲା। ତେଣୁ ବାଧ୍ୟ ହୋଇ ନିଜେ ଖୁଣ୍ଟରେ ଚଢ଼ି ତାର ସଂଯୋଗ କରିବାକୁ ପ୍ରୟାସ କରିଥିଲେ। ଏହି ସମୟରେ ତାଙ୍କୁ ଜୋରଦାର ଆଘାତ ଲାଗିଥିଲା। ଫଳରେ ଖୁଣ୍ଟରେ ଥିବା ଅବସ୍ଥାରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ଲୋକେ ଏ ନେଇ ବିଦ୍ୟୁତ୍ ବିଭାଗକୁ ଖବର ଦେଇଥିଲେ ହେଁ କର୍ମଚାରୀ କିମ୍ବା ଅଧିକାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନ ଥିଲେ। ଫଳରେ ଲୋକେ ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିଥିଲା। ବିଦ୍ୟୁତ୍ କର୍ମଚାରୀମାନେ ପହଞ୍ଚିବା ପରେ କ୍ଷତିପୂରଣ ଓ ଚାକିରି ନେଇ ଆଲୋଚନା ହୋଇଥିଲା। ସଦର ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ କହିଛନ୍ତି, ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାଶୁଝା କରିବା ପରେ ସେମାନେ ରାଜପଥ ଅବରୋଧରୁ ଓହରିଥିଲେ। ବିଦ୍ୟୁତ୍ ବିଭାଗ ପକ୍ଷରୁ ମୃତକଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ଯୋଗାଇ ଦିଆଯିବ। ପ୍ରଶାସନିକ ଅଧିକାରୀ ରେଡ୍‌କ୍ରସ୍ ପାଣ୍ଠିରୁ ସହାୟତା ରାଶି ପ୍ରଦାନ କରିବା ପରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।



ଉତ୍ତ୍ୟକ୍ତ ଲୋକମାନେ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

